# NATIONAL NEWS BULLETIN (ODIA)

**9 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆବୁଧାବୀର ଯୁବରାଜ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଚାଲିଛି ଆଲୋଚନା ।

- କୋଲକାତା ମହିଳା ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଆସନ୍ତା ୧୭ ତାରିଖ ସୁଦ୍ଧା ସାନି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ବସିଛି ଜିଏସଟି ପରିଷଦର ୫୪ ତମ ବୈଠକ

- ନାଇଜେରିଆରେ ଏକ ପେଟ୍ରୋଲ୍ ଟ୍ୟାଙ୍କର ବିସ୍ଫୋରଣରେ ୪୮ ଜଣଙ୍କର ମୃତ୍ୟୁ

ଏବଂ

- ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ୟାନମ୍ ଉପକୂଳରେ ଅତିପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରିକଲା ପାଣିପାଗ ବିଭାଗ

# କ୍ରାଉନ୍ ପ୍ରିନ୍ସ - ଭିଜିଟ୍

ଆବୁଧାବିର ଯୁବରାଜ ସେଖ୍ ଖଲିଦ୍ ବିନ୍ ମହମ୍ମଦ ବିନ୍ ଜାୟଦ୍ ଅଲ୍ ନାହେୟାଁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ଚାଲିଛି । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ ତଥା ବ୍ୟାପକ କରିବା ନେଇ ବୈଠକରେ ଆଲୋଚନା ହେଉଛି ।

ତିନିଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ନାହେୟାଁ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଆବୁଧାବିର ଯୁବରାଜ ଭାବେ ନାହେୟାଁଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ତାଙ୍କ ସହ ସଂଯୁକ୍ତ ଆରବ ଏମିରେଟ୍ସ୍ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ଏବଂ ଶିଳ୍ପପତି ଗୋଷ୍ଠୀ ଆସିଛନ୍ତି । ଶ୍ରୀ ନାହେୟାଁ ଏକ ବାଣିଜ୍ୟ ସମ୍ମିଳନୀରେ ଯୋଗଦେବାପାଇଁ ଆସନ୍ତାକାଲି ମୁମ୍ବାଇ ଗସ୍ତ କରିବେ । ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ବ୍ୟାପକ ରଣନୀତିକ ଭାଗିଦାରିତା ରହିଛି । ବାଣିଜ୍ୟ, ପୁଞ୍ଜିନିବେଶ, ଯୋଗାଯୋଗ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ ରହିଛି । ଯୁବରାଜଙ୍କର ଏହି ଗସ୍ତ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ନୂତନ କ୍ଷେତ୍ରରେ ଭାଗିଦାରିତା ପାଇଁ ମାର୍ଗ ଉନ୍ମୁକ୍ତ କରିବ ବୋଲି ଆଶା କରାଯାଉଛି । ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ବାଣିଜ୍ୟ କାରବାର ୮୫ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା । ଚୀନ୍ ଏବଂ ଆମେରିକା ପରେ ସେହିବର୍ଷ ସଂଯୁକ୍ତ ଆରବ ଏମିରେଟ୍ସ ଭାରତର ତୃତୀୟ ସର୍ବାଧିକ ବାଣିଜ୍ୟ ସହଯୋଗୀ ରାଷ୍ଟ୍ର ଭାବେ ଉଭା ହୋଇଥିଲା ।

---

# ଆର୍‌ଜିକର -ହିଅରିଂ

କୋଲକାତାର ଆର୍.ଜି. କର ମେଡ଼ିକାଲ କଲେଜ ହସ୍ପିଟାଲ ମହିଳା ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସୁପ୍ରିମକୋର୍ଟ ଆସନ୍ତା ୧୭ ତାରିଖ ସୁଦ୍ଧା ସାନି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ଵାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଦିଓ୍ଵାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କ ଖଣ୍ଡପୀଠରେ ଶୁଣାଣି ହୋଇଛି । ସୁପ୍ରିମକୋର୍ଟ ଏହି ମାମଲାଟିକୁ ନିଜଆଡ୍ରୁ ଗ୍ରହଣ କରି ଶୁଣାଣି କରୁଛନ୍ତି ।  ଏମ୍‌ସ ଏବଂ ଅନ୍ୟ ଏକ କେନ୍ଦ୍ରୀୟ ପରୀକ୍ଷା କେନ୍ଦ୍ର ଦ୍ଵାରା ଅଲଗା ଫରେନ୍‌ସିକ୍ ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ସିବିଆଇ କହିଛି । ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ସିବିଆଇ ପକ୍ଷରୁ  ଏବଂ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖକୁ ଧାର୍ଯ୍ୟ କରାଯାଇଛି ।

# ଜି.ଏସ୍.ଟି. କାଉନ୍‌ସିଲ୍ ମିଟିଂ

ଦ୍ରବ୍ୟ ଓ ସେବାକର-ଜିଏସ୍‌ଟି ପରିଷଦର ୫୪ତମ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକରେ ବିଭିନ୍ନ କ୍ଷେତ୍ରରେ ଦ୍ରବ୍ୟ ଓ ସେବାକର ନେଇ ଆଲୋଚନା କରାଯାଉଛି । ଜୁନ୍ ମାସରେ ଅନୁଷ୍ଠିତ ବୈଠକରେ ପରିଷଦ କେତୋଟି କ୍ଷେତ୍ରରେ ଜି.ଏସ୍.ଟି. ପରିମାଣ ସମାନ ରଖିଥିଲା । ଷ୍ଟିଲ୍, ଲୌହ ଏବଂ ଆଲୁମିନିୟମ୍ ନିର୍ମିତ ଦୁଗ୍ଧ ପାତ୍ର କ୍ଷେତ୍ରରେ ୧୨ ପ୍ରତିଶତ ଜି.ଏସ୍.ଟି. ଲାଗୁ କରିବାକୁ ସୁପାରିସ ହୋଇଥିଲା । ତେବେ

ଭାରତୀୟ ରେଳବାଇଦ୍ୱାରା ପ୍ରଦତ୍ତ କେତେକ ସେବାକୁ ଜି.ଏସ୍.ଟି. ପରିସରଭୁକ୍ତ କରାଯାଇ ନଥିଲା । ସେଥିମଧ୍ୟରେ ପ୍ଲାଟ୍‌ଫର୍ମ ଟିକେଟ୍, ପ୍ରତୀକ୍ଷାଳୟ ସେବାକୁ ବାଦ୍ ଦିଆଯାଇଥିଲା ।

## ଭାରତ-ଆମେରିକା ମିଳିତ ସମରାଭ୍ୟାସ

ଭାରତ-ଆମେରିକା ସେନାର ମିଳିତ ସମରାଭ୍ୟାସ ଆଜିଠାରୁ ଆରମ୍ଭ ହୋଇଛି । ରାଜସ୍ଥାନର ବେକାନେର୍‌ସ୍ଥିତ ମହାଜନ ଫିଲ୍ଡ ଫାୟାରିଂ ରେଞ୍ଜରେ ପୂର୍ବାହ୍ନ ସାଢ଼େ ୧୦ଟାରୁ ପ୍ୟାରେଡ୍ ସମାରୋହ ସହ ଏହି ଅଭ୍ୟାସ ଆରମ୍ଭ ହୋଇଛି । ଭାରତୀୟ ସେନାର ଦକ୍ଷିଣ-ପଶ୍ଚିମ କମାଣ୍ଡ ଏବଂ ଆମେରିକା ସେନାର ପ୍ରାୟ ୧୨ଶହ ସୈନିକ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଅଭିଯାନରେ  ଉଭୟ ଦେଶର ସୈନିକ ଯୁଦ୍ଧ ରଣନୀତି ନେଇ ସମରାଭ୍ୟାସ କରିବେ । ଏହି ଅଭ୍ୟାସରେ ପ୍ରଥମଥର ପାଇଁ ଆମେରିକାର ହାଇ-ମୋବିଲିଟି ଆର୍ଟିଲାରୀ ରକେଟ୍ ସିଷ୍ଟମ୍ ପ୍ରଦର୍ଶିତ ହୋଇଛି । ଏହାର ଲକ୍ଷ୍ୟଭେଦୀ କ୍ଷମତା ୩୧୦ କିଲୋମିଟର ରହିଥିବା ଜଣାପଡ଼ିଛି । ଉଭୟ ସେନାର ଆଭ୍ୟନ୍ତରୀଣ କ୍ଷମତା ବୃଦ୍ଧି ସହ ଆବଶ୍ୟକସ୍ଥଳେ ଏକାଠି କାମ କରିବାର ସମ୍ଭାବନାକୁ ସୁଦୃଢ଼ କରିବା ଏହି ସମରାଭ୍ୟାସର ମୂଳ ଉଦ୍ଦେଶ୍ୟ ।

## ଆଇଜେରିଆ-ଇଲେକ୍ସନ

ଆଲଜେରିଆ ରାଷ୍ଟ୍ରପତି ନିର୍ବାଚନରେ ବର୍ତ୍ତମାନର ରାଷ୍ଟ୍ରପତି ଅବଦୁଲ ମାଜିଦ୍ ତେବୌନ୍ ବିଜୟୀ ହୋଇଥିବା ସେଠାକାର କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି । ତେବେ  ଭୋଟ୍ ଗଣତିରେ ଅନିୟମିତତା ହୋଇଥିବା ନେଇ

ଅଭିଯୋଗ ହୋଇଛି । ଏହି ନିର୍ବାଚନରେ ପଞ୍ଜୀକୃତ ଭୋଟରଙ୍କ ମଧ୍ୟରୁ ଅଧାରୁ କମ୍ ମତଦାନ କରିଥିବା ଜଣାପଡ଼ିଛି । ସରକାରୀ ଭାବେ ପ୍ରକାଶିତ ପ୍ରାଥମିକ ଫଳାଫଳ ଅନୁଯାୟୀ ରାଷ୍ଟ୍ରପତି ତେବୌନ୍‌ଙ୍କୁ ୯୫ ପ୍ରତିଶତ ଭୋଟ୍ ମିଳିଛି । ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଏଡ଼ାଇବା ପାଇଁ ଏହି ପ୍ରତିଶତ ଯଥେଷ୍ଟ ବୋଲି କୁହାଯାଉଛି । ଅନ୍ୟ ଦୁଇ ପ୍ରତିଦ୍ୱନ୍ଦି ଆଦେଲାଲ୍ଲୀ ହାସାନୀ ଚେରିଫ୍ ୩ ପ୍ରତିଶତ ଏବଂ ୟୁସୁଫ୍ ଓଚିଚେ ୨ ପ୍ରତିଶତ ଭୋଟ୍ ପାଇଥିବା ଘୋଷଣା କରାଯାଇଛି । ହାସାନୀ ଚେରିଫ୍ କହିଛନ୍ତି ମତଦାନ କେନ୍ଦ୍ର ଅଧିକାରୀଙ୍କୁ ଫଳାଫଳ ବୃଦ୍ଧି କରିବା ପାଇଁ ଚାପ ପ୍ରୟୋଗ କରାଯାଇଥିଲା। ତେବେ ସେଠାକାର ନିର୍ବାଚନ ଆୟୋଗ ମୁଖ୍ୟ ମହମ୍ମଦ ଚାର୍ଫି କହିଛନ୍ତି ସ୍ୱଚ୍ଛ ଏବଂ ନିରପେକ୍ଷ ମତଦାନକୁ ସୁନିଶ୍ଚିତ କରିବା ଲାଗି ଆୟୋଗଙ୍କ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ 'ସୌରଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାରୀ ପଦକ୍ଷେପ' ଶୀର୍ଷକ ଆଲୋଚନାର ପ୍ରସାରଣ କରାଯିବ । ନୂତନ ଓ ନବୀକରଣ ଉର୍ଜା ମନ୍ତ୍ରଣାଳୟର ଉପଦେଷ୍ଟା ଡକ୍ଟର ଅରୁଣ କୁମାର ତ୍ରିପାଠୀ ଏବଂ ଜାତୀୟ ସୌରଶକ୍ତି ସଂସ୍ଥାନର ମହାନିର୍ଦ୍ଦେଶକ ପ୍ରଫେସର ମହମ୍ମଦ ରିହାନ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ

ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

---

## ନାଇଜେରିଆ କିଲ୍ଡ

ନାଇଜେରିଆ ସ୍ଥିତ ନାଇଜରରର ଏକ ବ୍ୟସ୍ତବହୁଳ ରାଜପଥରେ ଗୋଟିଏ ପେଟ୍ରୋଲ୍ ଟ୍ୟାଙ୍କର ବିସ୍ଫୋରଣ ଘଟିବାରୁ ୪୮ ଜଣଙ୍କର ମୃତ୍ୟୁ ହୋଇଛି । ସେଠାକାର ଜରୁରୀକାଳୀନ ପରିଚାଳନା ଏଜେନ୍ସୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏକ ଗୋରୁ ବୋଝେଇ ଟ୍ରକ୍ ସହ ଟ୍ୟାଙ୍କରଟିର ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ଅଗ୍ନିକାଣ୍ଡ ଯୋଗୁଁ ଅନ୍ୟ ୨ଟି ଯାନ ମଧ୍ୟ ଜଳିଯାଇଛି । ତେବେ ବିସ୍ଫୋରଣ ହୋଇଥିବା ଟ୍ୟାଙ୍କରରେ ଏକାଧିକ ଲୋକଙ୍କର ମୃତଦେହ ରହିଥିବାର ଅନୁମାନ କରାଯାଉଛି । ସେଗୁଡ଼ିକୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

---

## ଇସ୍ରାଏଲ୍ କିଲ୍ଡ

ଜୋର୍ଡାନ୍ ଏବଂ ୱେଷ୍ଟବ୍ୟାଙ୍କ ସୀମାନ୍ତ ଅଞ୍ଚଳରେ ୩ ଜଣ ଇସ୍ରାଏଲ୍ ନାଗରିକଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ଜଣାପଡ଼ିଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ -ଆଇଡିଏଫ୍ କହିଛି ମାହେର୍‌ଜାଜି ନାମକ ବନ୍ଧୁକଧାରୀ ଜୋର୍ଡାନ୍ ପଟୁ ଏକ ଟ୍ରକ୍‌ରେ ଆସି ଆଲେନ୍ ବି ବ୍ରିଜ୍ ନିକଟରେ ପହଂଚି

ଗୁଳିମାଡ଼ କରିଥିଲା । ଇସ୍ରାଏଲ୍ ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିମାଡ଼ରେ ସେହି ବନ୍ଧୁକଧାରୀ ନିହତ ହୋଇଛି । ତେବେ ବିସ୍ଫୋରକ ସାମଗ୍ରୀ ରହିଥିବା ସନ୍ଦେହରେ ଟ୍ରକ୍‌ଟିକୁ ମଧ୍ୟ ଯାଞ୍ଚ କରାଯାଇଛି ବୋଲି ଆଇଡିଏଫ୍ କହିଛି । ଉଭୟ ପଟୁ ସୀମାନ୍ତ ଅଞ୍ଚଳକୁ ସିଲ୍ କରିଦିଆଯାଇଛି । ତେବେ ଇସ୍ରାଏଲ୍ ନିୟନ୍ତ୍ରିତ ଏହି ଅଞ୍ଚଳରେ ଘଟିଥିବା ଗୁଳିମାଡ଼ ଘଟଣାର ତଦନ୍ତ କରାଯାଉଛି ବୋଲି ଜୋର୍ଡାନ୍ ସେନା ସୂଚନା ଦେଇଛି ।

## ଜେକେ-ଟେରରିଷ୍ଟ କିଲ୍‌ଡ

ଜାମ୍ମୁ କାଶ୍ମୀରର ରାଜୌରୀ ଜିଲ୍ଲାର ନିୟନ୍ତ୍ରଣରେଖା ନିକଟରେ ୨ ଜଣ ଆତଙ୍କବାଦୀଙ୍କର ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ମୃତ୍ୟୁ ହୋଇଛି । ଅନ୍ଧାରର ସୁଯୋଗ ନେଇ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ଆତଙ୍କବାଦୀଙ୍କ ସହ ସୁରକ୍ଷାକର୍ମୀଙ୍କର ଗୁଳି ବିନିମୟ ହୋଇଥିଲା । ସେହି ଅଞ୍ଚଳରେ ତଲାସି ଅଭିଯାନକୁ ଜୋରଦାର କରାଯାଇଛି ।  ତଲାସି ଅଭିଯାନ **ଅପରେସନ କାଞ୍ଚି** ଦ୍ୱାରା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି ।

## ନେପାଳ ଲ୍ୟାଣ୍ଡ୍‌ସ୍ଲାଇଡ୍

ନେପାଳରେ ଲଗାଣ ବର୍ଷା ଓ ଭୂସ୍ଖଳନ ଯୋଗୁଁ ବିଭିନ୍ନ ଅଞ୍ଚଳରେ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ଭୂସ୍ଖଳନ ଯୋଗୁଁ ଅବରୋଧ ହୋଇ ରହିଥିବା କର୍ଣ୍ଣାଲୀ ରାଜପଥକୁ ପରିଷ୍କାର କରି ଯାତାୟାତ ସ୍ୱାଭାବିକ କରାଯାଉଛି । ଚଳିତ ମୌସୁମୀଋତୁରେ ଲଗାଣ ବର୍ଷା ଓ ଭୂସ୍ଖଳନ ଯୋଗୁଁ

ଜୁମ୍ଲା, କାଲିକୋଟ ଓ ମୁଗୁଠାରୁ ସୁରଖେତ, ନେପାଳଗଂଜ ଏବଂ କାଠମାଣ୍ଡୁକୁ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି। ଜର୍ଜରକୋର୍ଟର ଧୁମା ଠାରେ ଭୂସ୍ଖଳନରେ ନିଖୋଜ ହୋଇଥିବା ଦମ୍ପତିଙ୍କର ମୃତଦେହ ଉଦ୍ଧାର କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

---

## ଆଇ.ଏମ୍.ଡି. - ଡିପ୍ରେସନ

ଭାରତୀୟ ପାଣିପାଗ ବିଭାଗ କହିଛି ପଶ୍ଚିମ-କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଏହା ଓଡ଼ିଶାର ପୁରୀ ଉପକୂଳ ଦେଇ ଅତିକ୍ରମ କରିଥିବା ଜଣାପଡ଼ିଛି । ଏହା ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଗତି କରୁଛି । ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି ରହିଥିବା ବେଳେ ଆନ୍ଧ୍ରପ୍ରଦେଶ ଏବଂ ୟାନମ୍ ଉପକୂଳ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେଲଙ୍ଗାନା, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ପୂର୍ବ ମଧ୍ୟପ୍ରଦେଶ, ଛତିଶଗଡ଼, ବିଦର୍ଭ, କେରଳର କେତେକ ଅଞ୍ଚଳ, ମାହେ, କର୍ଣ୍ଣାଟକର ଉପକୂଳ ଅଞ୍ଚଳ, ଆସାମ, ମେଘାଳୟ, ସିକିମ୍, ଝାଡ଼ଖଣ୍ଡ ଏବଂ ରାଜସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି ।

ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନଯିବାପାଇଁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

---